1st Sem

I-UG-C_1-Maj-ODI-II

2024

Full Marks - 100

Time - 3 hours

The figures in the right-hand margin indicate marks

Answer ***all*** questions

Part-I

୧. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ପ୍ରତ୍ୟେକ ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ପ୍ରଦାନ କର : ୧ × ୧୦

କ) 'ସନେଟ୍' ଶବ୍ଦର ଓଡ଼ିଆ ପର୍ଯ୍ୟାୟବାଚୀ ଶବ୍ଦଟି କ'ଣ ?

ଖ) 'ସନେଟ୍‌ର ଅବୟବ'କୁ ମୂଳତଃ କେତେଗୋଟି ଅଂଶରେ ବିଭକ୍ତ କରାଯାଏ ?

ଗ) ସନେଟ୍‌ର ପ୍ରବର୍ତ୍ତକ ଭାବରେ କେଉଁ ପ୍ରସିଦ୍ଧ କବିଙ୍କୁ ଗ୍ରହଣ କରାଯାଏ ?

ଘ) ''ଅପାରେ କାବ୍ୟସଂସାରେ କବିରେବ ପ୍ରଜାପତିଃ'' ଉକ୍ତିଟି ମୂଳତଃ କେଉଁ ଗ୍ରନ୍ଥର ?

ଙ) ଜୀବନୀ ରଚନାରେ କେଉଁ ପୁରୁଷରେ ବର୍ଣ୍ଣନା କରାଯାଏ ?

ଚ) ଉଭୟ ପ୍ରାଚ୍ୟ ଓ ପ୍ରତୀଚ୍ୟ ଦୃଷ୍ଟିରେ ନାଟକରେ ଆଦର୍ଶଗତ ଭାବେ କେତୋଟି ଅଙ୍କ ରହିବା ଉଚିତ୍ ?

ଛ) କ୍ଷୁଦ୍ରଗଳ୍ପର ଏକ ପ୍ରସିଦ୍ଧ ସଂଜ୍ଞା ଭାବରେ ''ଶେଷ ହଏ ହଇଲ ନା ଶେଷ'' ପଙ୍କ୍ତିଟି ରବୀନ୍ଦ୍ରନାଥଙ୍କ କେଉଁ କବିତାର ଅଂଶ ?

ଜ) ପ୍ରଯତ୍ନ + ବିନ୍ଦୁ = _____ । (ଶୂନ୍ୟସ୍ଥାନ ପୂରଣ କର)

ଝ) ପାଣ୍ଡୋମାଇମ୍‌ର ଓଡ଼ିଆ ପ୍ରତିଶବ୍ଦଟି ଲେଖ ।

ଞ) ସଙ୍ଗକରେ ମୁଖ୍ୟତଃ କେଉଁ ରସର ପ୍ରାଧାନ୍ୟ ଥାଏ ?

Part-II

୨. ନିମ୍ନୋକ୍ତ ଗୁଡ଼ିକର ଉତ୍ତର ପ୍ରତ୍ୟେକ ୫୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର :

୨ × ୯

କ) ବାରଲେସ୍‌କ ଓ ଏକ୍‌ସଟ୍ରାଭାଞ୍ଜା ମଧ୍ୟରେ ମୌଳିକ ସାମ୍ୟ ଓ ବୈଷମ୍ୟ ନିରୂପଣ କର ।

ଖ) ଭାରତୀ ବତ୍ତି କହିଲେ କ'ଣ ବୁଝାଯାଏ ?

ଗ) ଆରଭଟୀ ବୃତ୍ତିର ସ୍ୱରୂପ ଦର୍ଶାଅ ।

ଘ) ଗାଥା କବିତାର ବୈଶିଷ୍ଟ୍ୟ ଗୁଡ଼ିକୁ ଉଲ୍ଲେଖ କର ।

ଙ) ସ୍ପେନସରୀୟ ସନେଟ୍‌ର ବୈଶିଷ୍ଟ୍ୟ ଆଲୋଚନା କର ।

ଚ) ମିଲ୍‌ଟନୀୟ ସନେଟ୍‌ର ସ୍ୱରୂପ ସଂପର୍କରେ ଆଲୋଚନା କର ।

ଛ) ରେଖାଗଳ୍ପ ଓ ଅଣୁଗଳ୍ପ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ଜ) ପତ୍ରୋପନ୍ୟାସର ସ୍ୱରୂପଗତ ବୈଶିଷ୍ଟ୍ୟ ବିଚାର କର ।

ଝ) ଉଦ୍ଭଟ ନାଟକ କହିଲେ କ'ଣ ବୁଝାଯାଏ ?

Part-III

୩. ନିମ୍ନୋକ୍ତ ଯେ କୌଣସି ଆଠଗୋଟିର ଉତ୍ତର ପ୍ରତ୍ୟେକ ୨୫୦ ଶବ୍ଦ ମଧ୍ୟରେ ପ୍ରଦାନ କର :

୫ × ୮

କ) ଗୀତି କବିତାର ଅପରିହାର୍ଯ୍ୟ ଦିଗ ଉପରେ ଆଲୋଚନା କରିବା ସହ ଏହାର ବୈଶିଷ୍ଟ୍ୟଗୁଡ଼ିକ ଉପରେ ଆଲୋକପାତ କର ।

ଖ) ପ୍ରତ୍ୟୁପନ୍ୟାସର ସ୍ୱରୂପ ଓ ବୈଶିଷ୍ଟ୍ୟ ଆଲୋଚନା କର ।

ଗ) ନାୟକର ପ୍ରକାରଭେଦ ଉପରେ ଆଲୋକପାତ କର ।

ଘ) ବିଷ୍କମ୍ଭକ କହିଲେ କ'ଣ ବୁଝ ? ଏହାର ପ୍ରକାର୍ଯ୍ୟ ବୁଝାଅ ।

ଙ) ରମ୍ୟରଚନାର ଆଂଗିକ ଓ ଆତ୍ମିକ ବୈଶିଷ୍ଟ୍ୟ ଗୁଡ଼ିକୁ ଲେଖ ।

ଚ) ସେକ୍ସପେରୀୟ ସନେଟ୍‌ର ବିଶେଷତ୍ୱ ଆଲୋଚନା କର ।

ଛ) ଏକାଂକୀ କାହାକୁ କୁହାଯାଏ ? ଏହାର ଲକ୍ଷଣ ଗୁଡ଼ିକୁ ଉଲ୍ଲେଖ କର ।

ଜ) ମହାକାବ୍ୟ ଓ କାବ୍ୟ ମଧ୍ୟରେ ଥିବା ସାଦୃଶ୍ୟ ଗୁଡ଼ିକୁ ଉଲ୍ଲେଖ କର ।

Part-IV

୪. ନିମ୍ନୋକ୍ତ ଯେ କୌଣସି ଚାରୋଟିର ଉତ୍ତର ପ୍ରତ୍ୟେକ ୮୦୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୮ × ୪

କ) ଭ୍ରମଣ କାହାଣୀର ସ୍ୱରୂପ ଉପରେ ଆଲୋକପାତ କର ।

ଖ) ଛୋଟନାଟକ ଓ ଏକାଂକୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଛୋଟନାଟକର ପୃଷ୍ଠଭୂମି ଉପରେ ଆଲୋକପାତ କର ।

ଗ) ଆଂଗିକ ଦୃଷ୍ଟିରୁ କ୍ଷୁଦ୍ରଗଳ୍ପର ପ୍ରକାରଭେଦ ଦର୍ଶାଇ ସେସବୁର ବୈଶିଷ୍ଟ୍ୟ ଆଲୋଚନା କର ।

ଘ) ଗୀତି କବିତାର ପରିଚୟ ପ୍ରଦାନ ପୂର୍ବକ ଏହାର ବୈଶିଷ୍ଟ୍ୟ ଓ ପ୍ରକାରଭେଦ ସଂପର୍କରେ ନିଜସ୍ୱ ମନ୍ତବ୍ୟ ପ୍ରକାଶ କର ।

ଙ) ପ୍ରାଚ୍ୟ ନାଟ୍ୟାଚାର୍ଯ୍ୟଙ୍କ ମତ ଓ ମନ୍ତବ୍ୟ ଅନୁସାରେ ନାଟକର ପଞ୍ଚ ଅର୍ଥ ପ୍ରକୃତି ଓ ପଞ୍ଚ ସନ୍ଧି କହିଲେ କ'ଣ ବୁଝାଯାଏ ? ଏ ଦ୍ୱୟଙ୍କ ମଧ୍ୟରେ କି ସଂପର୍କ କିପରି ଭାବରେ ରହିଛି ? ବିଚାର କର ।